# ଆବର୍ଜନାରେ ଭର୍ତ୍ତି ବିଜିପୁର ପୋଖରୀ ତୁଠ

ବ୍ରହ୍ମପୁର,୩୦।୧(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ପକ୍ଷରୁ ମୁକ୍ତା ଯୋଜନାରେ ସହରର ଜଳାଶୟଗୁଡିକର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ସହରରେ ଥିବା ୪୮ଟି ପୋଖରୀକୁ ଆମ ପୋଖରୀରେ ସାମିଲ କରାଯାଇଛି। ସେଥିମଧ୍ୟରୁ ୩୧ଟି ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ଗତ ଡିସେମ୍ବର ୧୩ ତାରିଖରେ ୮୦ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୩୯ କୋଟି ୪୨ ଲକ୍ଷ ୪୯ ହଜାର ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସେମାନଙ୍କୁ ତାଲିମ ମଧ୍ୟ ଦିଆଯାଇଛି। ଆଗାମୀ ଦିନରେ ଆଉ ୧୭ଟି ପୋଖରୀର ସୌନ୍ଦର୍ଯ୍ୟକରଣ ପାଇଁ ଯୋଜନା ରହିଛି। ବହୁ ପୁରାତନ ବିଜିପୁର ପୋଖରୀର ସୌନ୍ଦର୍ଯ୍ୟକରଣ ଓ ବୋଟିଂ ବ୍ୟବସ୍ଥା କରାଯିବା ଯୋଜନା ଥିବା ଗତ ୧ ତାରିଖରେ ବିଇଏମସି କମିଶନର ଜେ. ସୋନାଲ ସୂଚନା ଦେଇଥିଲେ। ଏହାକୁ ସାଧାରଣରେ ସ୍ୱାଗତ କରାଯାଇଛି। କିନ୍ତୁ କାର୍ଯ୍ୟ ବିଳମ୍ବ କାରଣରୁ ବର୍ତ୍ତମାନ ପୋଖରୀ ତୁଠଗୁଡିକ କୁଢ କୁଢ ଆବର୍ଜନାରେ ଭର୍ତ୍ତି ହୋଇଛି। ଏହାକୁ ସଫେଇ ଦିଗରେ ନିଗମ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି।


ଆବର୍ଜନା ପୂର୍ଣ୍ଣ ପୋଖରୀ ତୁଠ।

ବର୍ତ୍ତମାନ ପୋଖରୀ ପାର୍ଶ୍ୱ ରାସ୍ତା ମରାମତି ସାଙ୍ଗକୁ ଡ୍ରେନେଜ କାର୍ଯ୍ୟ ମଧ୍ୟ ଜାରି ରହିଛି। ବିଶେଷକରି ସ୍ଥାନୀୟ ବାସିନ୍ଦାଙ୍କଠାରୁ ଆରମ୍ଭ କରି ରିକ୍ସା ଚାଳକ ଓ ସାଧାରଣ ପଥଚାରୀ ମାନେ ଏହି ପୋଖରୀ ଉପରେ ବହୁଳ ଭାବେ ନିର୍ଭର କରିଥାନ୍ତି। କିନ୍ତୁ ପୋଖରୀର ସ୍ଥିତି ଏଭଳି ଥିବା କାରଣରୁ ବର୍ତ୍ତମାନ ତାହା ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ। ତୁଠରୁ ଆବର୍ଜନା ସଫେଇ ହେଉ ନ ଥିବା କାରଣରୁ ଗୃହ ପାଳିତ ପ୍ରାଣୀଗୁଡିକୁ ପୋଖରୀରେ ପଡି ମୃତ୍ୟୁବରଣ କରିବା ନେଇ ଆଶଙ୍କା ଦେଖାଦେଇଛି। ଅନ୍ୟପଟେ ପୋଖରୀ ତୁଠରେ ଆବର୍ଜନା ଜମି କାରଣରୁ ସ୍ଥାନୀୟ ବାସିନ୍ଦା ନିତ୍ୟ ବ୍ୟବହାର୍ଯ୍ୟ ନିମନ୍ତେ ଉକ୍ତ ପାଣିକୁ ବ୍ୟବହାର କରିପାରୁ ନାହାନ୍ତି। ଏ ନେଇ ନିଗମର ନିର୍ବାହୀ ଯନ୍ତ୍ରୀ ଇଂ ଲଳିତ ମୋହନ ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି, କାର୍ଯ୍ୟ ଆରମ୍ଭ ନେଇ ସମସ୍ତ ପ୍ରକ୍ରିୟା ସରିଛି। ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି। କିନ୍ତୁ ସୌନ୍ଦର୍ଯ୍ୟକରଣ ପୂର୍ବରୁ ବର୍ତ୍ତମାନ ପୋଖରୀ ତୁଠରେ ପଡି ରହିଥିବା ଆବର୍ଜନାକୁ ସଫେଇ କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ସୂଚନାଯୋଗ୍ୟ, ୨୦୦୪-୨୦୦୫ରେ ବ୍ରହ୍ମପୁର ପୌର ପାଳିକା ସମୟରେ ବିଜିପୁର ପୋଖରୀରେ ବୋଟିଂ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ କୌଣସି କାରଣରୁ ତାହା ବନ୍ଦ ହେବା ସହ ପୋଖରୀର ସୌନ୍ଦର୍ଯ୍ୟକରଣ ମଧ୍ୟ ଭୁଶୁଡି ପଡିଥିଲା। ଏହାପରେ ୨୦୧୫-୧୬ରେ ୮ଲକ୍ଷ ୧୧ହଜାର ୭୫୯ ଟଙ୍କା, ୨୦୧୮-୨୦୧୯ରେ ୨୧ ଲକ୍ଷ ୯୨ ହଜାର ଓ ୨୦୨୦-୨୧ରେ ୫୬ ଲକ୍ଷ ୭୯ ହଜାର ୮୪୫ ଟଙ୍କା ପୋଖରୀ ଉନ୍ନତୀକରଣ ପାଇଁ ଖର୍ଚ୍ଚ ହୋଇଥିଲା।

# ୧୯ ବର୍ଷ ପରେ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର, ୩୦।୧(ସୁବାସ ଚନ୍ଦ୍ର ପାଢ଼ୀ)

ଏକ ବଳାତ୍କାର ମାମଲାର ୧୯ ବର୍ଷ ପରେ ମଙ୍ଗଳବାର ଚୂଡାନ୍ତ ରାୟ ପ୍ରକାଶ ପାଇଛି। ପ୍ରମାଣ ଅଭାବରୁ ଫାଷ୍ଟଟ୍ରାକ୍ ପୋକସୋ ଜଜ ଗଣେଶ୍ୱର ପତି ଅଭିଯୁକ୍ତ କୋଦଳା ଥାନା ଅଞ୍ଚଳର ଟୁନା ବାରିକ(୪୯)ଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ୨୦୦୪ ଅଗଷ୍ଟ ୨୪ରେ ଜଣେ ଯୁବତୀ(୧୮)ଙ୍କୁ ବଳାତ୍କାର କରାଯାଇଥିବା ନେଇ ସେ ବେଗୁନିଆପଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୯୫/୦୪ରେ ଏକ ଷ୍ଟେଶନ ଡାଏରୀ କରିଥିଲା। ପରେ କୋଦଳା ଥାନାରେ ୧୭୩/୦୪ରେ ବଳାତ୍କାର ମାମଲା ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଅଭିଯୋଗର ସପ୍ତାହେ ପରେ ଅଭିଯୁକ୍ତ ଟୁନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

**ବଳାତ୍କାର ମାମଲା**

ତଦନ୍ତକାରୀ ଅଧିକାରୀ ତତ୍କାଳୀନ ବେଗୁନିଆପଡା ଫାଣ୍ଡି ଅଧିକାରୀ ଗଙ୍ଗାଧର ଭୂୟାଁ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ଟୁନାଙ୍କୁ ଜାମିନ ମିଳିଥିବା ବେଳେ ମାମଲାର ବିଚାର ବେଳେ ସେ କୋର୍ଟରେ ହାଜର ହୋଇ ନ ଥିଲେ। ପରେ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ପୋଲିସ ୨୦୨୩ ମେ ୨୪ ତାରିଖରେ ଟୁନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବିଚାର ବେଳେ ୧୨ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଥିବା ଟୁନାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଜଜ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ମାଗୁଣି ଚରଣ ପୋଲେଇ ମକଦ୍ଦମା ପରିଚାଳନା କରିଥିଲେ।

# ଓଷ୍ଟାର ଜିଲାସ୍ତରୀୟ କନଭେନସନ

ବ୍ରହ୍ମପୁର,୩୦।୧(ସ୍ମୃତି ରଞ୍ଜନ ମହାଲିକ)

ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଗଞ୍ଜାମ ଜିଲା ଶାଖା ପକ୍ଷରୁ ଜିଲାସ୍ତରୀୟ କନଭେନସନ ମଙ୍ଗଳବାର ପ୍ରେମନଗର ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ଜିଲା ସଭାପତି ସନ୍ତୋଷ ଜେନା ସଭାପତିତ୍ୱ କରିଥିଲେ। ଜିଲାର ୨୨ ବ୍ଲକରୁ ସଂଘର କର୍ମକର୍ତ୍ତା ଓ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ଯୋଗ ଦେଇଥିଲେ। ଆସନ୍ତା ୩ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ଆନ୍ଦୋଳନ ନେଇ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ଉକ୍ତ ଦିନ ଜିଲା ଶିକ୍ଷାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ଅର୍ଥମନ୍ତ୍ରୀ


 କନଭେନସନରେ ଉପସ୍ଥିତ ସଂଘର କର୍ମକର୍ତ୍ତା।

ଓ ଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରାଯିବାକୁ ସ୍ଥିର ହୋଇଥିଲା। ଏଥିସହ ୭ ତାରିଖରେ ବହୁ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ନେଇ ଓଷ୍ଟା ରାଜ୍ୟ ସଂଘ ପକ୍ଷରୁ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଅହୋରାତ୍ର ଧାରଣା ଦିଆଯିବ ବୋଲି ସଂଘ କହିଛି। ଏଥିରେ ଜିଲାର ବହୁ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଯୋଗ ଦେବା ପାଇଁ ନିଷ୍ପତ୍ତି ହୋଇଛି। ବୈଠକରେ ଜିଲା ସଂପାଦକ ବିଜୟ କୁମାର ବେହେରାଙ୍କ ସମେତ ହିମାଂଶୁ କୁମାର ପଟ୍ଟନାୟକ, ହୃଷୀକେଶ ନନ୍ଦ ଓ ଭିକାରୀ ଚରଣ ଗୌଡଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ



ଆସିକା, ୩୦।୧ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକ କେନ୍ଦୁପଦର ପଞ୍ଚାୟତରେ ମଙ୍ଗଳବାର ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ଭବାନୀ ଶଙ୍କର ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ ଶୋଭା ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷା କଳ୍ପନା ଭୋଳ, ସିଡିପିଓ ଭାଗ୍ୟଲତା ପାତ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଦ୍ୟାଧର ସେଠୀ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ସାମିଲ ଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ସୂଚନା ଦିଆଯାଇଥିଲା।କ

## ସଂକ୍ଷେପରେ

### ବୀର ବ୍ରହ୍ମ ଯୁବସଂଘ କର୍ମକର୍ତ୍ତା ଚୟନ

କବିସୂର୍ଯ୍ୟନଗର, ୩୦।୧(କୃପାସିନ୍ଧୁ ସ୍ୱାଇଁ): ଗଞ୍ଜାମ କବିସୂର୍ଯ୍ୟନଗର ହନୁମାନ ମନ୍ଦିର ପ୍ରାଙ୍ଗଣରେ ଆଠଗଡ଼ ବିଶ୍ୱ ବ୍ରାହ୍ମଣ ସମାଜର ସଭାପତି ଜି. ଶମ୍ଭୁଲିଙ୍ଗମ ଆଚାରୀଙ୍କ ତତ୍ତ୍ୱାବଧାନରେ ସମସ୍ତ ଆଠଗଡ଼ ସୁନାରି କୁଳ ଯୁବକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ଦିନରୁ ନିଷ୍କ୍ରିୟ ଥିବା ଯୁବସଂଘକୁ ଉଜ୍ଜୀବିତ କରାଯାଇ ବିଭିନ୍ନ କର୍ମକର୍ତ୍ତା ଚୟନ କରାଯାଇଥିଲା । ନୂତନ ସଭାପତି ଭାବେ ଡି. କୃଷ୍ଣ ଆଚାରୀ, ସମ୍ପାଦକ ଜି.ରାମେଶ୍ୱର ଆଚାରୀ, ଉପସଭାପତି କେ. ଜଗନ୍ନାଥ ଆଚାରୀ, ଉପ ସମ୍ପାଦକ ଏ. ସରୋଜ ଆଚାରୀ, କୋଷାଧ୍ୟକ୍ଷ ଏମ୍.ସନ୍ତୋଷ ଆଚାରୀଙ୍କୁ ଚୟନ କରାଯାଇଥିଲା। ୧୦ଜଣିଆ ପରିଚାଳନା କମିଟି ଓ ଉପଦେଷ୍ଟା ମଣ୍ଡଳୀ ଚୟନ କରାଯାଇଛି । କେ. ଭାସ୍କର ଆଚାରୀ, ଏସ୍. ରାମକୃଷ୍ଣ ଆଚାରୀ, ଏ. ବ୍ରହ୍ମାନନ୍ଦ ଆଚାରୀ ପରିଚାଳନାରେ ସହଯୋଗ କରିଥିଲେ।

### ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଗୋପୀନାଥ ସମ୍ମାନିତ

ଶେରଗଡ଼, ୩୦।୧(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ ବ୍ଲକ ଗୋବିନ୍ଦପୁର ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ସମାବେଶରେ ସରପଞ୍ଚ କୁନି ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ଇନ୍ଦ୍ରମଣି ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବିଡିଓ ଶିବାଶିଶ ବରାଳ, ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ହୀନ ବେହେରା, ବରିଷ୍ଠ ନେତା ହୃଷିକେଶ ପାଢୀ, ପ୍ରମୋଦ କୁମାର ପାତ୍ର, ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ପଦ୍ମଶ୍ରୀ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ୧୦୭ ବର୍ଷ ଗୋପୀନାଥ ସ୍ୱାଇଁଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା।

### ଗଞ୍ଜାମ ଜିଲାପରିଷଦର ନୂତନ ସିଡିଓଙ୍କ ଦାୟିତ୍ୱ ଗ୍ରହଣ



ଛତ୍ରପୁର, ୩୦।୧ (ଦିଲୀପ ସାମଲ) : ଗଞ୍ଜାମ ଜିଲା ପରିଷଦର ନୂତନ ମୁଖ୍ୟ ଉନ୍ନୟନ ଅଧିକାରୀ ଭାବେ ମଧୁମିତା ମଙ୍ଗଳ ବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ କନ୍ଧମାଳ ଜିଲାର ବାଲିଗୁଡା ଉପଜିଲାପାଳ ଭାବେ କାର୍ଯ୍ୟରତ ଥିଲେ। ଏମଜିଏନଆରଇଜିଏସ ଓ ଗ୍ରାମ୍ୟ ଗୃହ ନିର୍ମାଣ ସମେତ ବିଭିନ୍ନ ଉନ୍ନୟନ ଯୋଜନାର ସଫଳ କାର୍ଯ୍ୟକାରିତାକୁ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ।

### ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ସଫେଇ

ବାଲିଗୁଡା,୩୦।୧ (ସଞ୍ଜୟ କୁମାର ପାଣିଗ୍ରାହୀ): ବାଲିଗୁଡା ବ୍ଲକ ଅନ୍ତର୍ଗତ ଖମନଖୋଲ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଦେବୀ ପ୍ରସାଦ ଦାସଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫା ସୁତରା କରିବା ସହ ସୁସ୍ଥ ପରିବେଶ ସଭିଙ୍କର ଦାୟିତ୍ୱ, ସୁସ୍ଥ ପରିବେଶ ସୁସ୍ଥ ସମାଜ ଗଠନ କରିବା ଭଳି ବିଭିନ୍ନ ସ୍ଲୋଗାନ ମାନ ଦେଇ ଏକ ଶୋଭାଯାତ୍ରା କରି ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମରେ ଡା.ଦେବୀ ପ୍ରସାଦ ଦାସ, ଡା.ସାଇ ପ୍ରସାଦ ମିଶ୍ର, ପ୍ରୋକ୍ଟେଟ କୋଡିନେଟର ଜୟ ଶଙ୍କର ନାୟକଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଦୁର୍ଗମ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ

ଧରାକୋଟ,୩୦।୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକର ଦୁର୍ଗମ ପଞ୍ଚାୟତ ଭାବେ ପରିଚିତ ସାବା ଓ ମାଣିକପୁରରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ବିକାଶର ବାର୍ତ୍ତାକୁ ଆଦିବାସୀ ବହୁଳ ପଞ୍ଚାୟତରେ ବ୍ୟାପକ କରିବା ପାଇଁ ପ୍ରଶାସନିକ ଅଧିକାରୀମାନେ ଅଣ୍ଟା ଭିଡିଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମରେ ଧରାକୋଟ ବିଡ଼ିଓ ଡେନିସ ବେହେରା, ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଅତିରିକ୍ତ ତହସିଲଦାର ଗଣେଶ ଦଳାଇ ଯୋଗଦେଇ ଥିବା ବେଳେ ମାଣିକପୁର ସରପଞ୍ଚ ଉର୍ବଶୀ ବିଷୋୟୀ, ସରପଞ୍ଚ ପ୍ରତିନିଧି ସାନ୍ତୁନୁ ବିଷୋୟୀ, ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ପୃଷ୍ଟି, ପରିଚାଳନା କରିଥିଲେ। ସାବା ସରପଞ୍ଚ ସୁଲେମାନ ମଣ୍ଡଳ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଇସାକ୍ ପ୍ରଧାନ, ଏବିଡିଓ ଶୁଶିଲ କୁମାର ପଟ୍ଟନାୟକ ପ୍ରମୁଖ ଦୁର୍ଗମ ଅଞ୍ଚଳରେ କିପରି ସରକାରଙ୍କ ଯୋଜନାର କାର୍ଯ୍ୟକାରୀ ହେବ ଓ ଲୋକଙ୍କ ଆର୍ଥିକ ଅଭିବୃଦ୍ଧିରେ ବିକାଶ ହେବ ସେ ନେଇ ମତାମତ ରଖିଥିଲେ।

## ବନାଗ୍ନି ନିବାରଣ ସଚେତନତା କାର୍ଯ୍ୟକ୍ରମ

ଫିରିଙ୍ଗିଆ,୩୦।୧(ବିକ୍ରମ ଦିଗାଲ)

ଫିରିଙ୍ଗିଆ ବନ ବିଭାଗ କାର୍ଯ୍ୟଳୟଠାରେ ବନାଗ୍ନି ନିବାରଣ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଚକ୍ରଧର କହଁର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫରେଷ୍ଟର ପ୍ରବିଣ କୁମାର ଦାଶ, ଦିଲିପ କୁମାର ବିଶୋଇ, ବ୍ରଜ ସୁନ୍ଦର ଦାସ, ଓ ବନରକ୍ଷୀ ସୁଜିତ୍ କୁମାର ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଫିରିଙ୍ଗିଆ ବନାଞ୍ଚଳ ଅଧୀନରେ ଥିବା ସାର୍ତାପାଙ୍ଗୁ, ଡମପିଡିଆ, ଡିମ୍ବିରିଗୁଡା, ବାଲିପଦର, ତଳ ଶ୍ରୀ ଗୁଣି, ଜିରିସି, ଦୁଦୁକି, ସିମିଳିସାହି ଓ ମୁଣ୍ଡରୁ ମାସ୍କା ଆଦି ୧୦ ଗାଁର ୩୦ ଜଣ ବନାଚଳ ସମିତିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜଙ୍ଗଲକୁ ନିଆଁ ଦାଉରୁ କିଭଳି ରକ୍ଷା କରାଯାଇ ପାରିବ ସେନେଇ ବନ ଅଧିକାରୀ କହିଥିଲେ। କାର୍ଯ୍ୟକ୍ରମରେ ଫିରିଙ୍ଗିଆ ଟିମ ଲିଡର ବିଭୁ ପ୍ରସାଦ ପ୍ରଧାନ, ଗୋଛାପଡା ଟିମ ଲିଡର ମନୋଜ କୁମାର ସାହୁ, ଡିଓ ଅମୁଲ୍ୟ ପ୍ରଧାନ, ଦଣ୍ଡପାଣି କହଁର, ଅର୍ଜୁନ ବାରିକ, ଅବୋଧ ମଲିକଙ୍କ ସମେତ ଫିରିଙ୍ଗିଆ ବନ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com


@ କଲ୍‌କୀରାମ


@ ସିପୁନ୍

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା: ପୋଲିସ ଦମ୍ପତି ନିର୍ଦ୍ଦୋଷ

ବ୍ରହ୍ମପୁର, ୩୦।୧(ସୁବାସ ଚନ୍ଦ୍ର ପାଢ଼ୀ)

ଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ୧୩ ବର୍ଷ ପରେ ମଙ୍ଗଳବାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଡ. ଅରୁଣ କୁମାର ସାହୁ ଗଜପତି ଜିଲା ଆର. ଉଦୟଗିରି ଥାନାର ତତ୍କାଳୀନ ଥାନାଧିକାରୀ ଅଭୟ ବେହେରା ଓ ତାଙ୍କ ସ୍ତ୍ରୀ ଜ୍ୟୋସ୍ନାରାଣୀ ବେହେରାଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ୨୦୧୦ ମାର୍ଚ୍ଚ ୫ ତାରିଖରେ ଏକ ମାମଲା ଫଇସଲା କରିବା ପାଇଁ ଥାନାଧିକାରୀ ଅଭୟ ଜଣେ ବ୍ୟକ୍ତିଙ୍କ ଠାରୁ ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଭିଜିଲାନ୍ସ ଟିମ ତାଙ୍କ ବ୍ରହ୍ମପୁର ଖୋଡାସିଂ କଳିଙ୍ଗ ବିହାର ଓ ଥାନାରେ ଚଢାଉ କରିଥିଲା। ତାଙ୍କର ସ୍ଥାବର ଅସ୍ଥାବର ସମ୍ପତ୍ତି ଆକଳନ ପରେ ୧୭ଲକ୍ଷ ୮୯ ହଜାର ୨୧୩ ଟଙ୍କା ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଥିଲା। ଯାହାର ହିସାବ ସେ ଦେଇପାରି ନ ଥିଲେ। ଭିଜିଲାନ୍ସ ବିଭାଗ ପକ୍ଷରୁ ଅଭୟ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ନଂ.୫୧/୧୦ରେ ମାମଲା ରୁଜୁ ହୋଇଥିଲା। ତତ୍କାଳୀନ ଭିଜିଲାନ୍ସ ଇନ୍ସପେକ୍ଟର ପି.କେ. ଦ୍ୱିବେଦୀ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ୨୪ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ପ୍ରମାଣ ଅଭାବରୁ ଜଜ୍ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଶ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରସାଦ କୁମାର ପଟ୍ଟନାୟକ ଓ ପ୍ରଦୀପ କୁମାର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

## ମା' ଖମ୍ବେଶ୍ୱରୀ ପୀଠର ଉନ୍ନତୀକରଣ

ଆସିକା, ୩୦।୧ (ସୁରେନ୍ଦ୍ର ନାଥ ସାହୁ)

ଆସିକାର ଆରାଧ୍ୟ ଦେବୀ ମା' ଖମ୍ବେଶ୍ୱରୀଙ୍କ ପୀଠର ଉନ୍ନତିକରଣ ଲାଗି ରାଜ୍ୟ ସରକାର ୧କୋଟି ୭ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ମଙ୍ଗଳବାର ମନ୍ଦିର ପରିସରରେ ଏହି ଉନ୍ନତିକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଆସିକା ଏମପି ଓ ବିଧାୟିକାଙ୍କ ଅନୁପସ୍ଥିତିରେ ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ସ୍ୱାଇଁ, ମନ୍ଦିରର ପୂଜକ ଓ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

# ଶହୀଦ ଦିବସ ପାଳିତ


ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ବ୍ରହ୍ମପୁର,୩୦।୧(ସ୍ମୃତି ରଞ୍ଜନ ମହାଲିକ)

ପୂଜ୍ୟପୂଜା ସମିତି ପକ୍ଷରୁ ସତ୍ୟ ଓ ଅହିଂସାର ସାଧକ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଶହୀଦ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସମିତି ପକ୍ଷରୁ ଏକ ସ୍ମରଣ ସଭା ଅନୁଷ୍ଠିତ ହୋଇଥିଲା। ଗାନ୍ଧୀଜୀ ସମତା, ସ୍ୱତନ୍ତ୍ରତା, ଭ୍ରାତୃତ୍ୱଭାବ ଓ ଧର୍ମନିରପେକ୍ଷତା ଆଧାରରେ ଦେଶ ନିର୍ମାଣ ପାଇଁ ସଂକଳ୍ପ ନେଇଥିବା ବେଳେ ତାଙ୍କ ସ୍ୱପ୍ନର ଭାରତକୁ ନଷ୍ଟ କରିଦେବା ପାଇଁ ଆଜିର ଦିନରେ ସାଂପ୍ରଦାୟିକ ଶକ୍ତିମାନେ ଗାନ୍ଧିଜୀଙ୍କୁ ହତ୍ୟା କରିଥିଲେ। ଦେଶକୁ ସୁନ୍ଦର ଭାବେ ଗଢିବା ପାଇଁ ସାଂପ୍ରଦାୟିକ ଶକ୍ତି ବିରୋଧରେ ଜନ ସଚେତନତା ସୃଷ୍ଟି ହେବା ନିହାତି ଆବଶ୍ୟକ ବୋଲି ଉପସ୍ଥିତ ବକ୍ତାମାନେ କହିଥିଲେ। ମାନବ ଅଧିକାର ସୁରକ୍ଷା ମଞ୍ଚର ସଂପାଦକ ସୁବାଷ ଚନ୍ଦ୍ର ମିଶ୍ର, ସମାଜିକ କର୍ମୀ ପୂର୍ଣ୍ଣ ଚନ୍ଦ୍ର ମହାରଣା ଓ ସୁଧୀର ରାଉତଙ୍କ ସମେତ ସମିତିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବୁଗୁଡ଼ା,୩୦।୧(କାଳିଚରଣ ଦାଶ)

ସ୍ଥାନୀୟ ଶ୍ରୀ ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମନୋଜ କୁମାର ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଆସିକା ଏମ୍‌ପି ପ୍ରମିଳା ବିଶୋଇ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ, ଏନ୍‌ଏସି ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢ଼ୀ, କାଉନସିଲର ବିନୋଦିନୀ ନାୟକ ପ୍ରମୁଖ ଯୋଗ ଦେଇ ଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହି ଅବସରରେ କ୍ରୀଡ଼ା, ସଂସ୍କୃତି ଓ ସାମାଜିକ କାର୍ଯ୍ୟକଳାପରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ତତ୍‌ପରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପ୍ରାୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପକ ବିଭୁତି ଭୂଷଣ ମିଶ୍ର ପରିଚାଳନା କରିଥିବା ବେଳେ ପରିଶେଷରେ ଅଧ୍ୟାପକ ସନ୍ତୋଷ କୁମାର ଡାକୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରହ୍ମପୁରରେ ଜାତୀୟ ପ୍ରତିରକ୍ଷା ଏକାଡେମୀ ଖୋଲାଯିବା ଆବଶ୍ୟକ

ବ୍ରହ୍ମପୁର,୩୦।୧ (ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଜିଲାର ବ୍ରହ୍ମପୁର ସହର ଜାତୀୟ ନିରାପତ୍ତା ଦୃଷ୍ଟିରୁ ଏକ ସମ୍ବେଦନଶୀଳ ଅଞ୍ଚଳ। ଭୌଗୋଳିକ ସ୍ଥିତିକୁ ଦେଖିଲେ ବ୍ରହ୍ମପୁର ସହର ନିକଟ ଗୋପାଳପୁରରେ ରହିଛି ସମୁଦ୍ର। ତେଣୁ ତଟରକ୍ଷା ପ୍ରେକ୍ଷାପଟରେ ମଧ୍ୟ ଏହି ଅଞ୍ଚଳର ସ୍ୱତନ୍ତ୍ର ପରିଚୟ ରହିଛି। ବିଶେଷ କରି ଜଳପଥରେ ଶତ୍ରୁ ଆକ୍ରମଣ କରିବା ସମ୍ଭାବନା ଥିବାରୁ ପ୍ରତିହତ ପାଇଁ ସରକାର ଚିଲିକା ନିକଟରେ ନାଭାଲ ୟୁନିଟ ଓ ସମନ୍ୱୟ ରକ୍ଷା କରି ସ୍ଥଳ ଭାଗରେ ସାମରିକ ଅଭିଯାନକୁ ସୁଦୃଢ଼ କରିବା ପାଇଁ ଗୋଳାବନ୍ଧଠାରେ ସ୍ଥଳ ସେନାର ଏକ ବହୁମୁଖୀ ୟୁନିଟ ସ୍ଥାପନ କରିଛନ୍ତି। ତେଣୁ ଏହି ଅଞ୍ଚଳର ଗୁରୁତ୍ୱକୁ ସ୍ୱୀକୃତି ପ୍ରଦାନ କରି ଏଠାରେ ଏକ ସୈନିକ ସ୍କୁଲ ଓ ଜାତୀୟ ପ୍ରତିରକ୍ଷା ଏକାଡେମୀ (ଏନଡିଏ) ସ୍ଥାପନର ଆବଶ୍ୟକତା ରହିଛି ବୋଲି ଓଡିଶା ସ୍ୱାଭିମାନ ଜାଗରଣ ଫେଡେରେଶନ ପକ୍ଷରୁ କୁହାଯାଇଛି। ଏନେଇ ଫେଡେରେଶନ ପକ୍ଷରୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ସୋମବାର ଇ-ମେଲ ଜରିଆରେ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଏନଡିଏ ପ୍ରତିଷ୍ଠା ହେଲେ ଓଡିଶାରେ ପ୍ରତିରକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନ ହେବ। ସାମରିକ ଜୋନରେ ଏହି ଅଞ୍ଚଳ ପରିଣତ ହେଲେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଥି ସହିତ ସାମାଜିକ ଓ ଆର୍ଥିକ ବିକାଶରେ ବ୍ୟାପକ ସହାୟକ ହେବ ବୋଲି ଫେଡେରେସନ ପକ୍ଷରୁ କୁହାଯାଇଛି। ଏ ଦିଗରେ ଦୃଢ଼ ପଦକ୍ଷେପ ନେବା ପାଇଁ ଫେଡେରେସନର ଆବାହକ ସଞ୍ଜୀବ କୁମାର ପଟ୍ଟନାୟକ ଦାବି କରିଛନ୍ତି।

